# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

(ଅଦାଲତି ଶାଖା)

ପତ୍ର ସଂଖ୍ୟା IX-୦୧ ୫୪୩୬ / ଅ.ଶା., ଦି ୦୫.୧୨.୨୫ ନାଙ୍କ

## ସର୍ବସାଧାରଣ ନୋଟିସ

ଏତଦ୍ବାରା ବଲାଙ୍ଗୀର ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଦ୍ବାରା ପ୍ରକାଶିତ ଯୋଗ୍ୟ-କ୍ଷୁଦ୍ର-ଜମାକାରୀ ତାଲିକା ଯଥା (୧) ମାନ୍ୟବର ତଦନ୍ତ କମିଶନ ଦ୍ବାରା ସୁପାରିଶ ଏବଂ (୨) ଗୋଲ୍ଡେନ ଲେଣ୍ଡ ଡେଭେଲପର ଗୃପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ କ୍ଷତିପୂରଣ ପାଇନାହାନ୍ତି, ସେମାନେ ବଲାଙ୍ଗୀର ଜିଲ୍ଲା ସରକାରୀ ୱେବସାଇଟ https://balangir.odisha.gov.in/ ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ବ ନିରୀକ୍ଷକ (R.I.) ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ରାଜସ୍ବ ନିରୀକ୍ଷକ ଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖ୍ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ ।

(୧) ଯେ କୌଣସି ପ୍ରମାଣ ପତ୍ର (ଆଧାର କାର୍ଡ/ଭୋଟର ପରିଚୟ ପତ୍ରା/ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି)

(୨) ଚିଟ ଫଣ୍ଡ କମ୍ପାନୀ ରେ ଟଙ୍କା ଜମା ରଖୁଥିବା ର ପ୍ରମାଣ ସ୍ବରୂପ ଅସଲି ରସିଦ (original money receipts).

(୩) ବ୍ୟାଙ୍କ ଖାତା ର ସବିଶେଷ ବିବରଣୀ (କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ)

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ବାରା ସୁପାରିଶ ହୋଇ ଅଦ୍ୟାବଧି କ୍ଷତିପୂରଣ ପାଇ ନଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏବଂ ଯେଉଁ ମାନଙ୍କ ର ଠିକଣା ମିଳିପାରୁ ନାହିଁ (not mapped) ମୋଟ ୩୪୦୩ ଜଣଙ୍କର ତାଲିକା ଏଥିସହିତ "Annx-I" ରେ ସଂଲଗ୍ନ କରାଗଲା ।

ଗୋଲ୍ଡେନ ଲାଣ୍ଡ ଡେଭେଲପର ଗୃପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥିସହିତ "Annx-II" ରେ ସଂଲଗ୍ନ କରାଗଲା |

ସଂଲଗ୍ନକ:- Annx-I & Annx-II.

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର

ନୋଡାଲ ଅଧିକାରୀ , ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା :- 4837 / ଅ. ଶା. ଦି 04.12.2025 ନାଙ୍କ

ଏହାର ଏକ କିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର

ନୋଡାଲ ଅଧିକାରୀ , ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା :- 4838 / ଅ. ଶା. ଦି 04.12.2025 ନାଙ୍କ

ଏହାର ଏକ କିତା ନକଲ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ତହସିଲଦାର ମାନଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ବଲାଙ୍ଗୀର ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର

ନୋଡାଲ ଅଧିକାରୀ , ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା :- 4839 / ଅ. ଶା. ଦି 04.12.2025 ନାଙ୍କ

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଭାଗ ଅଧିକାରୀ, ବଲାଙ୍ଗୀର ଙ୍କ ଅବଗତି ଏବଂ ଉକ୍ତ ସର୍ବସାଧାରଣ ନୋଟିସ କୁ ବଲାଙ୍ଗୀର ଜିଲ୍ଲା ସରକାରୀ ୱେବସାଇଟ https://balangir.odisha.gov.in ରେ ରେ ବଲାଙ୍ଗୀର ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ "ୱେବସାଇଟ୍ ହୋଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ, ବଲାଙ୍ଗୀର ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର

ନୋଡାଲ ଅଧିକାରୀ , ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା :- 4840 / ଅ. ଶା. ଦି 04.12.2025 ନାଙ୍କ

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଙ୍କୁ ଜିଲ୍ଲାପାଳ,ବଲାଙ୍ଗୀର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର

ନୋଡାଲ ଅଧିକାରୀ , ଓ. ପି. ଆଇ. ଡି.